# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23 June - 2024**

**News Editor *: Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ମାମଲାରେ ତଦନ୍ତ ଆରମ୍ଭ କଲା ସିବିଆଇ
- କେନ୍ଦୁଝର ଘଟଗାଁ ମା' ତାରିଣୀଙ୍କ ପୀଠର ବିକାଶ ପାଇଁ ଆଉ ୫୦ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ପାଣିପାଗରେ ପରିବର୍ତ୍ତନ ହେବାପରେ ଆସନ୍ତାକାଲିଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟ ସ୍ୱାଭାବିକ ଭାବେ ଚାଲିବ; କହିଲେ ଗଣଶିକ୍ଷାମନ୍ତ୍ରୀ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ନିଟ୍‌-ୟୁଜି-ସିବିଆଇ

ନିଟ୍‌-ୟୁଜି-୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗର ମାମଲା ରୁଜୁକରି ସିବିଆଇ ତଦନ୍ତ ଆରମ୍ଭ କରିଛି । ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶିକ୍ଷା ମନ୍ତ୍ରଣାଳୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ସୂଚନା ଆଧାରରେ ଏହି ମାମଲା ରୁଜୁ କରାଯାଇଛି । ତଦନ୍ତ ପାଇଁ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍‌ ପାଟଣା ଏବଂ ଗୋଧ୍ରା ଗସ୍ତରେ ଯାଇଛନ୍ତି । ସେଠାରେ ସ୍ଥାନୀୟ ଥାନାରେ ଏହି ଅନିୟମିତତା ନେଇ ରୁଜୁ ହୋଇଥିବା ମାମଲାଗୁଡ଼ିକର ତଦନ୍ତ ପାଇଁ ସିବିଆଇର ସ୍ୱତନ୍ତ୍ର ଦଳ ସେଠାକୁ ଯାଇଛନ୍ତି ।

ସୂଚନାଯୋଗ୍ୟ, ଏହି ଅନିୟମିତତାର ତଦନ୍ତଭାର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସିବିଆଇକୁ ଗତକାଲି ଦାୟିତ୍ୱ ଅର୍ପଣ କରାଯାଇଥିଲା । ତେବେ ନୀଟ୍‌-ୟୁଜି-୨୦୨୪ରେ ଗ୍ରେସ୍‌ ମାର୍କ ପାଇଥିବା ୧ ହଜାର ୫୬୩ ଜଣ ଛାତ୍ରଛାତ୍ରୀଙ୍କ ପୁନଃ ପରୀକ୍ଷା ଆଜି ଅନୁଷ୍ଠିତ ହୋଇଛି ।

## ମୁଖ୍ୟମନ୍ତ୍ରୀ

କେନ୍ଦୁଝର ଘଟଗାଁ ସ୍ଥିତ ମା' ତାରିଣୀଙ୍କ ପୀଠକୁ ଦେଶର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ କରିବା ଲାଗି ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାପରେ ଆଜି ପ୍ରଥମ ଥର ପାଇଁ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଶ୍ରୀ ମାଝୀ ତାରିଣୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଆଉ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା

କରିଛନ୍ତି ।  ପୂର୍ବରୁ ପ୍ରଦାନ କରାଯାଇଥିବା ୫୦ କୋଟି ଟଙ୍କା ବ୍ୟୟରେ ପୀଠର ବିକାଶ କାର୍ଯ୍ୟ ଚାଲିଛି ।

ଘଟଗାଁ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ମା’ ତାରିଣୀଙ୍କ ଦର୍ଶନ ସହ ଶ୍ରୀ ମାଝୀ ଏକ ରୋଡ୍ ସୋ’ରେ ସାମିଲ ହୋଇଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ବଳଦେବ ଜୀଉଙ୍କୁ ଦର୍ଶନ କରିଥିଲେ । ପରେ ସେଠାରେ ମଧ୍ୟ ଏକ ରୋଡ୍ ସୋ’ରେ ଯୋଗଦେବା ସହ ଶ୍ରୀ ମାଝୀ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ନାଗରିକ ସମ୍ବର୍ଦ୍ଧନା ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନା ଲାଗୁ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ଆସନ୍ତା ୧୦୦ ଦିନ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରସ୍ତୁତି ଚାଲିଛି ବୋଲି ସେ କହିଛନ୍ତି । ଏଥିପାଇଁ ଆନୁଷଙ୍ଗିକ ନୀତି ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରହିଛି । ଏହି ଯୋଜନା ମାଧ୍ୟମରେ ରାଜ୍ୟର ମହିଳାଙ୍କୁ ୫୦ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା ରହିଛି । ଦୁଇବର୍ଷ ମଧ୍ୟରେ ଏହି ଅର୍ଥକୁ ମହିଳାମାନେ ନିଜ ଘରର ଆବଶ୍ୟକତା ଲାଗି ବ୍ୟୟ କରିପାରିବେ ବୋଲି ସେ କହିଛନ୍ତି । ଏଥିପାଇଁ ଆବଶ୍ୟକ ପଡୁଥିବା ବଜେଟ୍ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି ଏବଂ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଏ ନେଇ ଆଲୋଚନା ହୋଇଥିବା ସେ କହିଛନ୍ତି ।

## ଅତ୍ୟାବଶ୍ୟକ ସାମଗ୍ରୀ ସମୀକ୍ଷା

ରାଜ୍ୟରେ ଦେଖାଦେଇଥିବା ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ନେଇ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ସମୀକ୍ଷା କରିଛନ୍ତି । ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ନିୟମିତ ଯାଂଚ ଉପରେ ସେ  ଗୁରୁତ୍ୱାରୋପ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ପୁରୀ ଆଦି ସ୍ଥାନର ପ୍ରମୁଖ ବଜାର ଅଂଚଳରେ ଯୋଗାଣ ବିଭାଗ ଅଧିକାରୀଙ୍କ ଦ୍ୱାରା ଯାଂଚ କରାଯାଉଛି । ଅତ୍ୟବଶ୍ୟକ ସାମଗ୍ରୀର କିଣାବିକା ଉପରେ ନଜର ରଖିବା ସହିତ ଏ ସଂକ୍ରାନ୍ତ ବିବରଣୀ ଦାଖଲ କରିବାକୁ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦିଆଯାଇଛି ।

## ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ।  ଅସ୍ଥାୟୀ ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଜେପିର ସାଂସଦ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ।  ଆସନ୍ତା ୨୬ ତାରିଖରେ ଲୋକସଭାର ବାଚସ୍ପତି ନିର୍ବାଚନ ହେବ।  ରାଷ୍ଟ୍ରପତି ଦ୍ରୌପଦୀ

ମୁର୍ମୁ ୨୭ ତାରିଖରେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ରାଜ୍ୟସଭାର ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

## ସୁରେଶ ପୂଜାରୀ-ସମୀକ୍ଷା

ହୀରାକୁଦ ଏବଂ ରେଙ୍ଗାଲି ଡ୍ୟାମ୍ ଯୋଗୁଁ ବିସ୍ଥାପିତଙ୍କୁ ଜମି ଫେରାଇବା ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଡିସି ପଟ୍ଟା ପାଇଥିବା ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ସମ୍ବଲପୁର ଗସ୍ତରେ ଯାଇ ମନ୍ତ୍ରୀ ଶ୍ରୀ ପୂଜାରୀ ଖିଣ୍ଡା ଛକଠାରେ  ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ଶାସନ ଠାରେ ଏକ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମା' ସମଲେଶ୍ୱରୀଙ୍କ ଦର୍ଶନ ସହିତ ଏକ ରୋଡ୍ ସୋ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସ୍କୁଲ ସ୍ୱାଭାବିକ

ରାଜ୍ୟରେ ପାଣିପାଗରେ ପରିବର୍ତ୍ତନ ଦେଖାଦେବା ପରେ ଆସନ୍ତାକାଲିଠାରୁ ସ୍କୁଲ ସ୍ୱାଭବିକ ଭାବେ ଚାଲିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି ବୋଲି  ଗଣଶିକ୍ଷାମନ୍ତ୍ରୀ କହିଛନ୍ତି।

ଗଣିତ ଶିକ୍ଷାକୁ ନେଇ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଦିଆଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସମୟ ସମୟରେ ଏଭଳି ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି.....

**- V/O –**

**ଶ୍ୟାମାପ୍ରସାଦ ମୁଖାର୍ଜୀ-ଶ୍ରଦ୍ଧାଞ୍ଜଳି**

ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶ ଏବଂ ବିଚାର ଭାରତୀୟ ରାଜନୀତିରେ ଉଚ୍ଚସ୍ଥାନ ପ୍ରାପ୍ତ କରିଛି ବୋଲି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ମହାନ୍ ରାଷ୍ଟ୍ରନାୟକଙ୍କ ବଳିଦାନ ଦିବସ ଅବସରରେ ତାଙ୍କ ସ୍ମୃତିଚାରଣ କରି ସେ କହିଛନ୍ତି, ଦେଶର ସ୍ୱାଭିମାନ ଓ ଅଖଣ୍ଡତା ପାଇଁ ସେ ଆଜୀବନ ସଂଘର୍ଷ କରିଥିଲେ ଏବଂ ଏକତା ପାଇଁ ସେ ନିଜ ଜୀବନକୁ ବଳି ଦେଇଥିଲେ। ସାମାଜିକ ଗଣମାଧମରେ ଡକ୍ଟର ମୁଖାର୍ଜୀଙ୍କର ସ୍ମୃତିଚାରଣ କରି ରାଜ୍ୟପାଳ ରଘୁବର ଦାସ କହିଛନ୍ତି, ଏହି ପ୍ରଖର ରାଷ୍ଟ୍ରବାଦୀ ବିଚାରକ ତଥା ଶିକ୍ଷାବିତ୍‌ଙ୍କ ବଳିଦାନ ଦେଶବାସୀଙ୍କୁ ସର୍ବଦା ପ୍ରେରଣା ଯୋଗାଇ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ସତ୍‌ସଙ୍ଗବିହାରଠାରେ ଡକ୍ଟର ମୁଖାର୍ଜୀଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଏକ ସ୍ମୃତି ସମାରୋହର ଆୟୋଜନ

କରାଯାଇଥିଲା । ବାଚସ୍ପତି ସୁରମା ପାଢ଼ୀ ଏଥିରେ ଯୋଗଦେଇ କହିଥିଲେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାଷାରେ ମଦନ ମୋହନ ମାଲବ୍ୟଙ୍କ ଭାଷାରେ ହିନ୍ଦୁ ନେତୃତ୍ୱ ନେବାରେ ଶ୍ୟାମାପ୍ରସାଦ ଥିଲେ ଅଗ୍ରଗଣ୍ୟ । ଶ୍ରମ ଓ ପୁଞ୍ଜି ମଧ୍ୟରେ ଲାଭାଂଶର ସମବଣ୍ଟନ, ଗ୍ରାମାଞ୍ଚଳ ଅର୍ଥନୀତି ତଥା ଭିତ୍ତିଭୂମି ସୁଦୃଢ଼ୀକରଣ ମାଧ୍ୟମରେ ସହର ଏବଂ ଗ୍ରାମ ମଧ୍ୟରେ ଦୂରତ୍ୱ ହ୍ରାସ ପାଇଁ ସେ ଉଦ୍ୟମ କରିଥିଲେ ବୋଲି ବାଚସ୍ପତି କହିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗଦେଇ ଡକ୍ଟର ଶ୍ୟାମାପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ ।

## ଶ୍ୟାମାପ୍ରସାଦ ମୁଖାର୍ଜୀ-ଶ୍ରଦ୍ଧାଞ୍ଜଳି-ଜିଲ୍ଲା

**ବୌଦ୍ଧ** ଜିଲ୍ଲା ବିଜେପି ଦଳୀୟ କାର୍ଯ୍ୟାଳୟଠାରେ ଡକ୍ଟର ମୁଖାର୍ଜୀଙ୍କର ବଳିଦାନ ଦିବସ ଅବସରରେ ଦଳୀୟ କର୍ମକର୍ତ୍ତା ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ତାଙ୍କର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଜଳେଶ୍ୱର ମନ୍ଦିର ପରିସରରେ ‘ମାଆ ନାମରେ ଗଛଟିଏ’ କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଇଥିଲା । **କନ୍ଧମାଳ** ଜିଲ୍ଲା ଫୁଲବାଣୀ ସହର ନାରାୟଣୀ ମନ୍ଦିର ସଭାଗୃହରେ ଆୟୋଜିତ ସ୍ମୃତିଚାରଣ ସମାରୋହରେ ବିଧାୟକ ଉମା ଚରଣ ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ

ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମା' ବ୍ରାହ୍ମଣୀଦେବୀ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏକ୍ ପେଡ୍ ମା' କେ ନାମ୍

ପରିବେଶ ସୁରକ୍ଷା ପାଇଁ ସମସ୍ତେ ଏକଜୁଟ୍ ହେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନ ପରିସରରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ଚାରାରୋପଣ କାର୍ଯ୍ୟକ୍ରମରେ ସେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ କରିବାକୁ ହେଲେ ମିଶନଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ମିଶନଶକ୍ତି ସଦସ୍ୟଙ୍କ ମାଧ୍ୟମରେ ସମଗ୍ର ରାଜ୍ୟରେ ଅଢ଼େଇକୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ, ସମ୍ବଲପୁର, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ

ଆଜି ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପକ୍ଷରେ, ରାଜ୍ୟରେ ଜୁନ ପହିଲାରୁ ଆଜି ପର୍ଯ୍ୟନ୍ତ ୮୮ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ବର୍ଷା ତୁଳନାରେ ୩୯ ପ୍ରତିଶତ କମ ରହିଛି। ୪ଟି ଜିଲ୍ଲା ପୁରୀ, ମୟୂରଭଞ୍ଜ, ବାଲେଶ୍ୱର ଓ ବଲାଙ୍ଗିରରେ କମ୍ ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

*********************************